To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଆଜି ଓଡ଼ିଶା ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ



R.N.I. No.-42041/83 Vol-16, Issue No.3, ଭଦ୍ରକ, ଗୁରୁବାର, ୨୮, ଜୁନ୍ ୨୦୧୮ ■ Bhadrak, Thursday, 28 June 2018 Rs. 2.00 Pages-8

# ମହିଳାଙ୍କ ସ୍ୱାସ୍ଥ୍ୟସହାୟତା ରାଶି ବୃଦ୍ଧି

## ୫ ଲକ୍ଷରୁ ୭ଲକ୍ଷ ଟଙ୍କାକୁ ବୃଦ୍ଧି



ଭୁବନେଶ୍ୱର, ୨୭।୬ (ସକାଳ ଖବର): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କ ସ୍ୱାସ୍ଥ୍ୟ ସହାୟତା ରାଶିକୁ ପାଂଚ ଲକ୍ଷ ଟଙ୍କାରୁ ସାତ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ମୁଖ୍ୟମନ୍ତ୍ରୀ ବୁଧବାର ଦିନ ସଚିବାଳୟ ଠାରେ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ସାମ୍ବାଦିକ ମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ମାଲକାନଗିରି ଜିଲ୍ଲାର ଜଣେ ମହିଳା ମମତା ଏହି ସ୍ୱାସ୍ଥ୍ୟ ସେବା ସହାୟତା ରାଶିକୁ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ । ଆମ ଗାଁ ଆମ ବିକାଶ କାଯର୍ୟକ୍ରମରେ ସଂପୃକ୍ତ ମହିଳା ଏହି ପ୍ରସଙ୍ଗ ଉଠାଇଥିଲେ । ସଂପୃକ୍ତ ମହିଳାଙ୍କ ଅନୁରୋଧକୁ ବିଚାରକୁ ନେଇ ଏହି ସହାୟତା ରାଶି ବୃଦ୍ଧି କରାଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହି ଯୋଜନା ଉପରେ ପ୍ରତିକ୍ରିୟା ପ୍ରକାଶ କରି ବିରୋଧୀ ଦଳର ନେତା ନରସିଂହ ମିଶ୍ର କହିଲେ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଯୋଜନା ଘୋଷଣା ହୋଇଛି । ମାତ୍ର ସେଥି ମଧ୍ୟରୁ ଅନେକ ଯୋଜନା କାର୍ଯ୍ୟକାରୀ ହୋଇ ନାହିଁ । ଡାକ୍ତରଖାନାରେ ଡାକ୍ତର, ନର୍ସ, ପାରା ମେଡିକାଲ କର୍ମଚାରୀ ନାହାନ୍ତି । ବିଜେପି ପକ୍ଷରୁ ଦଳୀୟ ପ୍ରବକ୍ତା ଗୋଲକ ମହାପାତ୍ର କହିଛନ୍ତି ଯେ ଏହି ସରକାର ଏକ ପ୍ରଚାର ସର୍ବସ୍ୱ ସରକାର । ଏହି ସରକାର କେବଳ ପ୍ରଚାର କର ଚକମା ଦେଖାନ୍ତି । ୧୮ଟି ଜିଲ୍ଲାରେ ଥିବା ହସପିଟାଲରେ ଆଇସିୟୁ ନାହିଁ । ୨୫୬ଟି ମେଡିକାଲରେ ବିଦ୍ୟୁତ ସଂଯୋଗ ନାହିଁ । ଆଦିବାସୀ ଅଧ୍ୟୁଷିତ ଅଂଚଳର ସ୍ୱାସ୍ଥ୍ୟବସ୍ଥା କହିଲେ ନ ଚଳେ ବୋଲି ସେ କହିଛନ୍ତି ।

### ବିରୋଧୀଙ୍କ ପ୍ରତିକ୍ରିୟା

ବହୁ ଯୋଜନା ଘୋଷଣା ହୋଇଛି କିନ୍ତୁ କାର୍ଯ୍ୟକାରୀ ହୋଇନି : ନରସିଂହ

ପ୍ରଚାର ସବସ୍ୱ ସରକାର : ଗୋଲକ

# ଆଜି ସ୍ନାନପୂର୍ଣ୍ଣିମା



- ମହାପ୍ରଭୁଙ୍କୁ ସେନାପଟା ଲାଗିହେଲା
- ହାତୀବେଶରେ ଦର୍ଶନ ଦେବେ ମହାବାହୁ
- ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଆଇଜି

ପୁରୀ, ୨୭।୬ (ସକାଳ ଖବର): ମହାପ୍ରଭୁ ମହାବାହୁଙ୍କ ସ୍ନାନପୂର୍ଣ୍ଣମୀ ପାଇଁ ଆଜି ଦଇତାପତିମାନେ ଗୁପ୍ତ ସେବା ଆରମ୍ଭ କରିବା ସହ ସେନାପଟା ଲାଗି କରିଛନ୍ତି । ଗତକାଲି ବିଳମ୍ବିତ ରାତିରେ ବିଭିନ୍ନ ନୀତି ସମ୍ପନ୍ନ ହୋଇଛି । ରତ୍ନ ସିଂହାସନରୁ ତଳକୁ ଚାରମାଳ ବାନ୍ଧିବା ପାଇଁ କୋଠସୁଆସିଆମାନେ କାଯର୍ୟ ଆରମ୍ଭ କରିଛନ୍ତି । ଗତ ରାତିରେ ବାହୁଟ କଂଟକ ପରେ ଆଜି ସକାଳୁ ବିଭିନ୍ନ ନୀତି ସମାପନ କରାଯାଇ ସେନାପଟା ଲାଗି ହୋଇଛି । ଯୁଦ୍ଧରେ ସେନାପତି ଯେପରି ଯୁଦ୍ଧକ୍ଷେତ୍ରକୁ ଯିବା ପୂର୍ବରୁ ସଜବାଜ ହୁଅନ୍ତି ସେହିପରି ପ୍ରଭୁ ମଧ ଭକ୍ତ ମାନଙ୍କୁ ଦର୍ଶନ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି । ସକାଳୁ ମଙ୍ଗଳ ଆରତୀ ଆରମ୍ଭ ହୋଇ ପରେ ପରେ ଅନ୍ୟାନ୍ୟ ନୀତି ସମାପନ ହୋଇଛି । ସକାଳୁ ନୀତି ପାଇଁ ସାଧାରଣ ଭକ୍ତଙ୍କ ଦର୍ଶନ ଦିନ ୧୨ଟା ଠାରୁ ବନ୍ଦ ରହିଛି । ମହାବାହୁଙ୍କ ଦୁଇବାହୁ ଯେପରି ବାଜି ନ ଯାଏ ସେଥିପାଇଁ ବାହୁଟ କଂଟ ଗୁପ୍ତ ନୀତି ଦଇତାପତିମାନ ସମାପନ କରିଛନ୍ତି । ଚାରମାଳ ବନ୍ଧା ଶେଷ ହେବା ପରେ ଶ୍ରୀଅଙ୍ଗରକ୍ଷକ ଦଇତାପତି ସେବକ ମାନେ ସେନାପଟା ନୀତି ଆରମ୍ଭ କରିଛନ୍ତି । ଆଜି ସ୍ନାନ ପୂର୍ଣ୍ଣିମା ପାଇଁ ପରମାଣିକ ପହଣ୍ଡି ଟିକେଟ ବିକ୍ରି ଆରମ୍ଭ ହୋଇଛି । ସିଂହଦ୍ୱାର ସୂଚନାକେନ୍ଦ୍ରରେ ଟିକେଟ ପାଇଁ ବର୍ଷା ସତ୍ୱେ ପ୍ରବଳ ଭିଡ଼ ଜମିଛି । ବିକ୍ରି ସକାଳ ୮ରୁ ରାତି ୮ଟା ପଯର୍ୟନ୍ତ ଚାଲିବ । ୧୦୮ ଗରା ସୁବାଷିତ ଅଭିମନ୍ତ୍ରିତ ଜଳରେ ଚତୁର୍ଦ୍ଧାମୂର୍ତି ସ୍ନାନ କରିବେ । ସ୍ନାନବେଦୀକୁ ମଧ ସାଜସଜା କରାଯାଇଛି । ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଉଦ୍ୟମ ଜାରି ରଖିଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୪୫ ପ୍ଲାଟୁନ ପୋଲିସ ମୂତୟନ ହୋଇଛନ୍ତି । ଆସନ୍ତା କାଲି ସକାଳୁ ଚାରି (ପୃଷ୍ଠା-୭)

## ଚଣ୍ଡିଖୋଲରେ ଭୂତଳ ତୈଳ ଭଣ୍ଡାର ପ୍ରତିଷ୍ଠା ହେବ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭।୬ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଅଧୀନରେ ଓଡିଶାରେ ଆଉ ଏକ ବଡ ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ନିଷ୍ପତି ହୋଇଛି । ବୁଧବାର ଦିନ ଓଡିଶାର ଚଣ୍ଡିଖୋଲ ଠାରେ ଭୂତଳ ତୈଳ ଭଣ୍ଡାର ନିର୍ମାଣ ପ୍ରସ୍ତାବକୁ ବିଧିବଦ୍ଧ ସ୍ୱୀକୃତି ଦେଇଛି କ୍ୟାବିନେଟ । ଓଡ଼ିଶାର ଚଣ୍ଡିଖୋଲ ଏବଂ କର୍ଣ୍ଣାଟକର ପାଦୁରଠାରେ ଅତିରିକ୍ତ ୬.୫ ନିୟୁତ ମେଟ୍ରିକ ଟନ(ଏମଏମଟି) କ୍ଷମତାବିଶିଷ୍ଟ ରଣନୈତିକ ଭୂତଳ ତୈଳ ଭଣ୍ଡାର (ଏସପିଆର) ପ୍ରତିଷ୍ଠା କରାଯିବା ଏହାଛଡ଼ା ଏହି ଦୁଇଟି ଏସପିଆର ପାଇଁ ସମର୍ପିତ ଏସପିଏମ (ସିଙ୍ଗଲ ପଏଂଟ ମୁରିଂ) ନିର୍ମାଣ କରାଯିବା ଏ ସଂକ୍ରାନ୍ତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛନ୍ତି। ଚଣ୍ଡିଖୋଲ ଏବଂ ପାଦୁରଠାରେ ନିର୍ମାଣ ହେବାକୁ ଥିବା ଏହି ତୈଳ ଭଣ୍ଡାର ଭୂତଳ ସୁଡ଼ଙ୍ଗ ମରେ ରହିବ ଏବଂ ଏଗୁଡ଼ିକର କ୍ଷମତା ଯଥାକ୍ରମେ ୪ ଏମଏମଟି ଏବଂ ୨.୫ ଏମଏମଟି ହେବ। ସୂଚନାଯୋଗ୍ୟ ଯେ ୨୦୧୭-୧୮ ବଜେଟରେ ଦୁଇଟି ଅତିରିକ୍ତ ତୈଳ ଭଣ୍ଡାର ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାର ଘୋଷଣା କରିଥିଲେ। ଭାରତ ସରକାରଙ୍କ ବଜେଟ ସହଯୋଗ ପରିମାଣ ହ୍ରାସ କରିବା ଲାଗି ଏହି ପ୍ରକଳ୍ପକୁ ପିପିପି ବା ସରକାରୀ-ଘରୋଇ ଭାଗିଦାରୀ ମଡେଲ ଆଧାରରେ ନିର୍ମାଣ କରାଯିବା ଲାଗି ନୀତିଗତ ମଞ୍ଜୁରି ପ୍ରଦାନ କରାଯାଇଛି। ସମ୍ଭାବିତ ନିବେଶକଙ୍କ ସମେତ ବଜାର ଆବଶ୍ୟକତାକୁ ପୂରଣ କରିବା ଲାଗି ରୋଡ-ଶୋ/ପ୍ରଦର୍ଶନୀ ଆୟୋଜନ କରାଯିବା ପରେ ଅର୍ଥମନ୍ତ୍ରଣାଳୟର ପରାମର୍ଶକ୍ରମେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଏହି ପ୍ରକଳ୍ପ ପାଇଁ ଭାଗିଦାରୀର ସର୍ତ ଏବଂ ନିୟମାବଳୀ ନିର୍ଦ୍ଧାରଣ କରିବାପୂର୍ବରୁ ଆଇଏସପିଆରଏଲ ପକ୍ଷରୁ ଅଶୋଧିତ ତୈଳ ସଂରକ୍ଷଣ କରି ରଖିବା ପାଇଁ ତିନୋଟି ସ୍ଥାନରେ ୫.୩୩ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଭୂତଳ ସୁଡ଼ଙ୍ଗ ନିର୍ମାଣ କରାଯାଇସାରିଛି। ଏଗୁଡ଼ିକ ହେଲା- ବିଶାଖାପାଟଣା (୧.୩୩ ଏମଏମଟି), ମାଙ୍ଗାଲୋର (୧.୫ ଏମଏମଟି) ଏବଂ ପାଦୁର (୨.୫ ଏମଏମଟି)। ୨୦୧୬-୧୭ ଆର୍ଥିକ ବର୍ଷର ପେଟ୍ରୋଲିୟମ ବ୍ୟବହାର ତଥ୍ୟ ଅନୁଯାୟୀ ପ୍ରଥମ ପଯର୍ୟାୟରେ ତୈଳ ଭଣ୍ଡାର କାଯର୍ୟକ୍ରମରେ ନିର୍ମାଣ କରାଯାଇଥିବା ୫.୩୩ ଏମଏମଟି କ୍ଷମତା ବିଶିଷ୍ଟ ଅଶୋଧିତ ତୈଳ ଭଣ୍ଡାର ୧୦ ଦିନ ପଯର୍ୟନ୍ତ ଭାରତର ଇନ୍ଧନ ଆବଶ୍ୟକତା ପୂରଣ କରାଯିବ। ଅତିରିକ୍ତ ୬.୫ ଏମଏମଟି କ୍ଷମତାବିଶିଷ୍ଟ ରଣନୈତିକ ପେଟ୍ରୋଲିୟମ ଭଣ୍ଡାର ସୁବିଧା ନିର୍ମାଣ କରିବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିବା ପରେ ଏହାର ଅତିରିକ୍ତ ୧୨ ଦିନ ପଯର୍ୟନ୍ତ ଅଶୋଧିତ ତୈଳ ଆବଶ୍ୟକତାକୁ ପୂରଣ କରିପାରିବ ଏବଂ ଏହା ଭାରତର ଶକ୍ତି ନିରାପତାକୁ ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି। ଚଣ୍ଡିଖୋଲ ଏବଂ ପାଦୁରରେ ତୈଳ ଭଣ୍ଡାର ନିର୍ମାଣ ସମୟରେ ଓଡ଼ିଶା ଏବଂ କର୍ଣ୍ଣାଟକରେ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହେବ।



ବର୍ଷାରେ ବେହାଲ ସାରା ରାଜ୍ୟ...

### ରତ୍ନଭଣ୍ଡାର ଚାବି ହଜିବା ଘଟଣା

## ରଘୁବୀର ଦାସ କମିଶନଙ୍କ କାର୍ଯ୍ୟାରମ୍ଭ

ଭୁବନେଶ୍ୱର, ୨୭।୬ (ସକାଳ ଖବର): ଶ୍ରୀ ମନ୍ଦିର ରତ୍ନ ଭଣ୍ଡାର ଚାବି ଘଟଣା ଘଟିବାର ତଦନ୍ତ ପାଇଁ ଘୋଷିତ ହୋଇଥିବା ଜଷ୍ଟିସ ରଘୁବୀର ଦାସଙ୍କ ଅଧ୍ୟକ୍ଷତାରେ ବିଚାର ବିଭାଗୀୟ ତଦନ୍ତ କମିଶନ ତାଙ୍କର କଟକ ସ୍ଥିତ କାର୍ଯ୍ୟାଳୟରେ ଯୋଗ ଦେଇ ତାଙ୍କର କାମ ଆରମ୍ଭ କରିଛନ୍ତି । ସେ କହିଛନ୍ତି ଯେ ଆସନ୍ତା ଜୁଲାଇ ୨୫ ତାରିଖ ଯାଏ ସାଧାରଣ ଲୋକ ମାନେ କମିଶନଙ୍କ ନିକଟରେ ସତ୍ୟପାଠ ଦାଖଲ କରି ପାରିବେ । ଆସନ୍ତା ଜୁଲାଇ ୩୦ ତାରିଖରେ କମିଶନର (ପୃଷ୍ଠା-୭)

## ସୁଖୋଇ ଦୁର୍ଘଟଣାଗ୍ରସ୍ତ, ୨ ପାଇଲଟ ସୁରକ୍ଷିତ



ନୂଆଦିଲ୍ଲୀ,୨୭।୬: ଭାରତୀୟ ବାୟୁସେନାରେ ସାମିଲ ହେବାକୁ ଅପେକ୍ଷା କରିଥିବା ଏକ ସୁଖୋଇ ବିମାନ ବୁଧବାର ସକାଳେ ମହାରାଷ୍ଟ୍ରର ନାସିକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ ବାୟୁସେନାର ପାଇଲଟ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି । ଏକ ଅଙ୍ଗୁର ବଗିଚା ନିକଟରେ ଖସିବା ପୂର୍ବରୁ ଦୁଇ ପାଇଲଟ ସୁରକ୍ଷିତ ବାହାରକୁ ଆସିବାରେ ସକ୍ଷମ ହୋଇଛନ୍ତି । ହିନ୍ଦୁସ୍ତାନ ଏରୋନୋଟିକାଲ୍ସ ଲିମିଟେଡ୍(ଏଚଏଏଲ) ଦ୍ୱାରା ସଂପୂର୍ଣ୍ଣ ବିକଶିତ ବହୁଉଦ୍ଦ୍ୟଶୀୟ ସୁଖୋଇ ସୁ-୩୦ ଏମକେଆ ଲଢୁଆ ବିମାନ ନାସିକରୁ ୨୫ କିମି ଦୂର ପିମ୍ପଲଗାଁର ଏକ ଖେତରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଯାନ୍ତ୍ରିକ ତ୍ରୁଟି କାରଣରୁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ବିସ୍ତୃତ ଯାଞ୍ଚରେ ଏହାର ସଠିକ୍ କାରଣ ଜଣା ପଡିବ ବୋଲି ଅଧିକାରୀ କହିଛନ୍ତି । ପୋଲିସ କହିଛି ଯେ ବିମାନ ଯେଉଁ ଖେତରେ ଦୁର୍ଘଟଣାଗ୍ରସ୍ତ ହୋଇଛି ସେଠାରେ ପେଲେଟ ବାଜିବା କାରଣରୁ କିଛି ଶ୍ରମିକ ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ସେମାନଙ୍କୁ ଗ୍ରାମୀଣ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଦୁର୍ଘଟଣା ସମୟରେ ପାଇଲଟ ପାରାସ୍ୟୁଟ୍ (ପୃଷ୍ଠା-୭)

# ବନ୍ଦେ ଉତ୍କଳ ଜନନୀକୁ ନେଇ ବିବାଦ ଘନଉଛି

## ସୁଶାନ୍ତଙ୍କୁ ଘେରିଲେ ନଗେନ୍ଦ୍ର, ସମର୍ଥନ କଲେ ପ୍ରଭାଷ

ଭୁବନେଶ୍ୱର,୨୭।୬ (ସକାଳ ଖବର): ପଶ୍ଚିମ ଓଡ଼ିଶାବାସୀଙ୍କର ଭାବାବେଗକୁ ଦୃଷ୍ଟିରେ ରଖି ବନ୍ଦେ ଉତ୍କଳ ଜନନୀ ସଂଗୀତରେ ଥିବା ଉତ୍କଳ ଶବ୍ଦକୁ ପରିବର୍ତନ କରି ଓଡ଼ିଶା ଶବ୍ଦକୁ ସ୍ଥାନିତ କରିବା ପାଇଁ ରାଜ୍ୟ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଦେଇଥିବା ମନ୍ତବ୍ୟକୁ ନେଇ ବର୍ତମାନ ରାଜ୍ୟରେ ଜୋର ଚର୍ଚ୍ଚା ଧରିଛି । ମନ୍ତ୍ରୀଙ୍କର ଏହି ମନ୍ତବ୍ୟକୁ ବରଗଡ଼ର ସାଂସଦ ପ୍ରଭାଷ ସିଂ ସମର୍ଥନ କରିଛନ୍ତି । ସେ କହିଛନ୍ତି ଯେ, ୧୯୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା । ଏହା ପୂର୍ବରୁ ଓଡ଼ିଶାର ବିଭିନ୍ନ ଅଂଚଳ ପଡ଼ୋଶୀ ରାଜ୍ୟ ମାନଙ୍କ ସହିତ ରହିଥିଲା । ତେଣୁ ଓଡ଼ିଶା ଶବ୍ଦ ରଖାଗଲେ କିଛି ଅସୁବିଧା ହେବ ନାହିଁ ବୋଲି ସେ କହିଥିଲେ । ଅନ୍ୟପକ୍ଷରେ ଏହି ମତକୁ ପୂର୍ବତନ ବାଚସ୍ପତି ତଥା ପୂର୍ବତନ ସାଂସଦ କିଶୋର ମହାନ୍ତି ଉତ୍କଳ ଶବ୍ଦକୁ ନେଇ କୌଣସି ପ୍ରକାର ବିରୋଧ ନାହିଁ । ଏ ନେଇ କେହି ବ୍ୟକ୍ତିଗତ ମନ୍ତବ୍ୟ ରଖିବା ଠିକ୍ ହେବ ନାହିଁ । ସାଂସଦ ନଗେନ୍ଦ୍ର ପ୍ରଧାନ ଶକ୍ତିମନ୍ତ୍ରୀଙ୍କର ଏହ ପ୍ରସଂଗ ସମ୍ପର୍କିତ ମନ୍ତବ୍ୟକୁ ନାପସନ୍ଦ କରିଛନ୍ତି । ସେ କହିଛନ୍ତି ବନ୍ଦେ ଉତ୍କଳ ଜନନୀ ସଂଗୀତରୁ ଉତ୍କଳ ଶବ୍ଦ ପରିବର୍ତନ କରିବାର ଅଧିକାର କେବଳ ରଚୟିତାଙ୍କର ରହିଛି । ଏଥିରେ ଅନ୍ୟ କାହାର ଅଧିକାର ନାହିଁ । ଏହାକୁ ନେଇ ଅଧିକ ଦ୍ୱନ୍ଦ ସୃଷ୍ଟି କରାନଯାଉ ବୋଲି ସେ କହିଥିଲେ ।



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।



ହୁଣ୍ଡିର ଆୟ (୨୨.୬.୧୮)
୧,୯୦,୯୯୦

# ୨୦୩୦ ଭାରତ ଗରିବମୁକ୍ତ ହେବ

## ଏବେ ସବୁଠୁ ଗରିବ ଦେଶ ଆଉ ଭାରତ ନୁହେଁ : ରିପୋର୍ଟ



### ଫ୍ୟୁଚର ଡେଭଲପ୍‌ମେଣ୍ଟ ବ୍ଲଗରେ ପ୍ରକାଶିତ ରିପୋର୍ଟ

- ୨୦୨୨ ମଧ୍ୟରେ ଭାରତରେ ଗରିବ ୩%ରୁ କମ୍ ଲୋକ ରହିବେ
- ୨୦୦୪ରୁ ୨୦୧୧ ମଧ୍ୟରେ ଭାରତରେ ଗରିବଙ୍କ ୩୯% ହ୍ରାସ

ନୂଆଦିଲ୍ଲୀ, ୨୭।୬ : ପ୍ରକୃତରେ ଭାରତରେ କଣ ଆସିଯାଇଛି ଅଚ୍ଛେଦିନ ? ଭାରତ ଆଉ ପୂର୍ବାପେକ୍ଷା ଗରିବ ସୀମାରେଖା ତଳେ ନାହିଁ ? ଲୋକଙ୍କ ଆର୍ଥିକ ବିକାଶରେ ଯଥେଷ୍ଟ ଉନ୍ନତି ଘଟିଛି ? ଏଭଳି ଅନେକ ପ୍ରଶ୍ନ ମନରେ ଉଙ୍କି ମାରୁଥିଲେ ବି ପ୍ରଖ୍ୟାତ ଆମେରିକା ସଂଗଠନ ବ୍ରୁକିଙ୍ଗସ୍ ଇନ୍‌ଷ୍ଟିଚ୍ୟୁସନ୍‌ର ଫ୍ୟୁଚର ଡେଭଲପ୍‌ମେଣ୍ଟ ବ୍ଲଗରେ ପ୍ରକାଶିତ ଏକ ରିପୋର୍ଟ ମୁତାବକ ୨୦୧୮ ମଇରେ ବିଶ୍ୱର ସବୁଠାରୁ ଗରିବ ଦେଶ ତାଲିକାରୁ ଭାରତ ବାହାରିଆସିଛି ଏବଂ ଏହି ସ୍ଥାନରେ ନାଇଜେରିଆ ସ୍ଥାନିତ ହୋଇଛି । ଭାରତରେ ଗରିବଙ୍କ ସଂଖ୍ୟା ଖୁବ୍ ଦ୍ରୁତ ବେଗରେ ହ୍ରାସ ପାଉଛି । ଯଦି ଗରିବଙ୍କ ବିକାଶ ହାରରେ ଏଭଳି ଅଗ୍ରଗତି ଜାରି ରହେ ତେବେ ଚଳିତବର୍ଷ ଭାରତ ସବୁଠୁ ନିମ୍ନରୁ ତୃତୀୟ ସ୍ଥାନରେ ରହିବ ଏବଂ ଦ୍ୱିତୀୟ ସ୍ଥାନରେ ଆଫ୍ରିକାର କଙ୍ଗୋ ସାମିଲ ହେବ । ରିପୋର୍ଟ ଆହୁରି ଦର୍ଶାଇଛି ଯେ ବିକାଶର ଗତି ଯଦି ଏଭଳି ଜାରି ରହେ ତେବେ ୨୦୨୨ ମଧ୍ୟରେ ଭାରତରେ ୩ ପ୍ରତିଶତରୁ କମ୍ ଲୋକ ଗରିବ ସୂଚୀରେ ରହିବେ ଏବଂ ୨୦୩୦ ବେଳକୁ ଭାରତ ଗରିବରୁ ସଂପୂର୍ଣ୍ଣ ମୁକ୍ତି ପାଇଯିବ । ଅନ୍ୟପକ୍ଷରେ ୨୦୧୮ ମଇରେ ରିପୋର୍ଟ ମୁତାବକ ନାଇଜେରିଆରେ ୮.୭ କୋଟି ଲୋକେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । ନାଇଜେରିଆରେ ପ୍ରତି ୬ ମିନିଟ୍‌ରେ ଜଣେ ବ୍ୟକ୍ତି ଗରିବ ସୀମାରେଖା ତଳେ ଆସିଯାଉଛି ଯେବେକି ଭାରତରେ ଗରିବଙ୍କ ସଂଖ୍ୟା ଇତିମଧ୍ୟରେ ଯଥେଷ୍ଟ ହ୍ରାସ ପାଇଛି । ପରନ୍ତୁ ଅତ୍ୟନ୍ତ ଗରିବ ସୂଚୀ ମାମଲାରେ ଏହି ସଂସ୍ଥାର ଆକଳନ ଭାରତ ସରକାର ଏବଂ ଅନ୍ୟ ଆନ୍ତର୍ଜାତିକ ସଂସ୍ଥାରେ ତାଳମେଳ ନଥିବା ଜଣାଯାଇଛି । ପ୍ରକୃତରେ ଗରିବ ପରିସଂଖ୍ୟାନ ଦୃଷ୍ଟିରୁ ବିଭିନ୍ନ ସଂସ୍ଥାର ଆକଳନ ପୃଥକ ପୃଥକ ହୋଇଥାଏ । ବିଶ୍ୱବ୍ୟାଙ୍କର ସୂଚନାନୁଯାୟୀ ୨୦୦୪ରୁ ୨୦୧୧ ମଧ୍ୟରେ ଭାରତରେ ଗରିବଙ୍କ ଅନୁପାତ ଜନସଂଖ୍ୟାର ୩୯ ପ୍ରତିଶତରୁ ହ୍ରାସ ପାଇ ୨୧.୨ ପ୍ରତିଶତରେ ପହଞ୍ଚିଥିଲା । ୧୯୯୧ରୁ ଦେଶରେ ଆରମ୍ଭ ହୋଇଥିବା ଆର୍ଥିକ ସୁଧାର ନୀତି ପରେ ଗରିବଙ୍କ ସ୍ଥିତିରେ ଉନ୍ନତି ଆସିଥିବା ବହୁ ସଂସ୍ଥା ସୂଚାଇଛନ୍ତି । ଯଦି ଭାରତ ବାସ୍ତବରେ ବିକାଶ ଲକ୍ଷ୍ୟକୁ ପୂରଣ କରିବାକୁ ଚେଷ୍ଟା ଜାରି ରଖେ ତେବେ ୨୦୩୦ ବେଳକୁ ଭାରତରେ କେହି ଗରିବ ନଥିବେ ବୋଲି ବହୁ ସଂସ୍ଥା ଦାବି କରିଛନ୍ତି ।

## ଦେଶରେ ଏକକ ନିର୍ବାଚନ ସମ୍ଭବପର ନୁହେଁ : ନିରଞ୍ଜନ

ଭୁବନେଶ୍ୱର,୨୭।୬ (ସକାଳ ଖବର): ଦେଶରେ ଏକକ ନିର୍ବାଚନ କରାଇବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ସମର୍ଥନ ଦେଇଥିବା ବେଳେ ପିସିସି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଏହା କରାଇବା ସମ୍ଭବପର ନୁହେଁ ବୋଲି କହିଛନ୍ତି । ଶ୍ରୀ ପଟ୍ଟନାୟକ ଏହା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତାଙ୍କ ନିଜ ରାଜ୍ୟ କଥା ଚିନ୍ତା କରୁଛନ୍ତି । କେନ୍ଦ୍ର ଏ ସଂକ୍ରାନ୍ତୀୟ ଆଇନକୁ ପରିବର୍ତନ କରିବାକୁ ଉଦ୍ୟମ କରୁଛି । ନିକଟରେ ଅନ୍ୟ ରାଜ୍ୟ ମାନଙ୍କରେ ନିର୍ବାଚନ ଶେଷ ହୋଇଛି । ପୁନର୍ବାର ଉକ୍ତ ରାଜ୍ୟ ମାନଙ୍କରେ ନିର୍ବାଚନ କରିବା ସମ୍ଭବ ନୁହେଁ । ଶୀଘ୍ର ନିର୍ବାଚନ ହେଲେ ବିଜେଡିକୁ ଫାଇଦା ମିଳିବ । ଆମ ପାଖରେ ସମୟ କମ ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସମଦୂରତା କଥା କହୁଥିବା ବେଳେ ପରୋକ୍ଷରେ ମୋଦିଙ୍କୁ ସମର୍ଥନ କରୁଛନ୍ତି । ଆଗାମୀ ନିର୍ବାଚନରେ କଂଗ୍ରେସ ଏକାକୀ ଲଢିବ । କାହା ସହିତ ମେଂଟ କରିବ ନାହିଁ ଏକକ ନିର୍ବାଚନ ହେଲେ ଫଳପ୍ରଦ ହେବ ନାହିଁ ।

# àÿSæ~ ¯ÿÌæ{Àÿ ÀÿæÖæ D¯ÿs¯ÿ

## W{Àÿ ¨Éàÿæ ¨æ~, œÿÍæÓœÿ ¨æB 140s ¨¸ {Ós œÿ{ßæf†ÿ

LþsLÿ, 27>6 (ÓLþæÀÿ Q¯ÿÀÿ):

# Lÿƒ{¨æàÿ AoÁÿ{Àÿ Lÿ†ÿþ ¯ÿœÿ¿æ ¯ÿµÿœÿ þÜÿàÿÀÿ ¾¯ÿ BóqœÿßZÿ ÓæS†ÿ Óº¤œÿæ

# ¯ÿæWAæ{¯ÿæàÿ ÀÿæÖæ ¨æàÿsd þÀÿ~¾;ÿæ

# ÓÓ†ÿ ¨æ†ÿ B{àÿ{Lÿæ ÿ

# Aµÿß 'ÿæÓ Ó¼œÿ†ÿ

Lÿ'ÿ†'ÿ¾ ¾æF "ÓÜÿf'{Àÿ AæßLÿÀÿ ¯ÿ¯ÿÀÿ~ê µÿÀÿ¨æÀÿ{¯ÿ

# _üÿþ ÓóQ¿æ-1 "ÓÜÿf'{Àÿ AæßLÿÀÿ ¯ÿ¯ÿÀÿ~ê B-üÿæBàÿ LÿÀÿ¯ÿæ ÓÜÿf A{s

¨†ÿêäæ LÿÀÿ;ÿ œÿÿæÜÿ

# 31 fàÿæB

¨¾¼¿ÿ

ÉêW µÿÀÿ;ÿ, A;ÿþ 'ÿœÿÀÿ µÿÿÝÿ ¯ÿo;ÿ

Lÿ. www.incometaxindiaefilling.gov.in{Àÿ œÿfÀÿ B-üÿæBàÿ AæLþD+{Àÿ àÿSAœÿ LÿÀÿ;ÿ

Q. AæBsAæÀÿ-1{Àÿ ¯ÿd¯ÿ ÓÜÿ Aæ¯ÿÉ¿Lÿ ¯ÿ¯ÿÀÿ~ê µÿÀÿ;ÿ

S. AœÿàÿæBœÿ Óó¨æÀÿ†ÿ Àÿ¨{Àÿ LÿÀÿ S~œÿæ LÿÀÿ;ÿ

W. AœÿàÿæBœÿ{Àÿ ¯ÿ{Ljßæ ¯ÿæàÿæœÿ s¿æOÿ (¾'ÿ Lÿd ÀÿÜÿ$æF) µÿÀÿ;ÿ>

Yÿ. A¨{àÿæxÿ LÿÀÿ;ÿ F¯ÿó AœÿàÿæBœÿ ¾æo LÿÀÿ;ÿ

AæßLÿÀÿ ¯ÿµÿæS

{Lÿ¢ÿéß ¨†ÿ¿ä LÿÀÿ {¯ÿxÿ

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick

Óó¨æ'ÿLÿ : Aþ†ÿ Lÿþæå þàÿLÿ